ଡଃ. ଚିତ୍ତରଞ୍ଜନ ଶର୍ମା ଏବଂ ଅନ୍ୟମାନେ

ବନାମ

ହିମାଚଳ ପ୍ରଦେଶ ରାଜ୍ୟ ଏବଂ ଅନ୍ୟଜଣେ

19 ସେପ୍ଟେମ୍ବର, 1996

[କେ. ରାମାସ୍ୱାମୀ, ଫୈଜାନ ଉଦ୍ଦୀନ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିବୃନ୍ଦ]

*ସେବା ଆଇନ :*

*ରାଜ୍ୟ ସରକାରଙ୍କ ଦ୍ୱାରା ଅଧିଗ୍ରହଣ କରାଯାଇଥିବା ଆୟୁର୍ବେଦିକ ଡିଗ୍ରୀ ମହାବିଦ୍ୟାଳୟର କର୍ମଚାରୀମାନଙ୍କ ଅନ୍ତର୍ଭୁକ୍ତି – ଏହି ଉଦ୍ଦେଶ୍ୟରେ ଗଠିତ ଅନୁବୀକ୍ଷଣ ସମିତି ଦ୍ୱାରା କରାଯାଇଥିବା ସୁପାରିଶ ଆଧାରରେ ନିୟମିତ ଭାବେ ଅନ୍ତର୍ଭୁକ୍ତି – ଆବଶ୍ୟକ ଯୋଗ୍ୟତା ନଥିବା ଅପିଲକାରୀ – ତେଣୁ ଉପଯୁକ୍ତ ପ୍ରଶାସନିକ ପଦବୀ ଯାହା ପାଇଁ ସେମାନେ ଯୋଗ୍ୟ ଥିଲେ ସେଥିରେ ଅନ୍ତର୍ଭୁକ୍ତି – ନ୍ୟାୟାଧିକରଣ ସମ୍ମୁଖରେ ଆପତ୍ତି କରାଯାଇଥିଲା ଏବଂ ସେମାନଙ୍କ ବେତନ ହାର ବଜାୟ ରଖିବା ପାଇଁ ଏବଂ ଆୟୁର୍ବେଦିକ ଚିକିତ୍ସା ଅଧିକାରୀ ପଦବୀରେ ସେମାନଙ୍କୁ ଅନ୍ତର୍ଭୁକ୍ତି କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ – ଅପିଲରେ ଏହା ଦର୍ଶାଯାଇଥିଲା, ନ୍ୟାୟାଧିକରଣଙ୍କ ନିର୍ଦ୍ଦେଶ ନିରପେକ୍ଷତା ଆଧାରରେ ଥିଲା ଏବଂ ତେଣୁ କୌଣସି ହସ୍ତକ୍ଷେପ ଆବଶ୍ୟକ କରେ ନାହିଁ ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 1248-49/1987 ।

ଟି. ସଂଖ୍ୟା 74 ଏବଂ 77/1986 ରେ ଶିମଲାର ରାଜ୍ୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ 15.12.86 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଏସ୍. ଭି. ଦେଶପାଣ୍ଡେ ।

ଉତ୍ତରଦାତାମାନଙ୍କ ପାଇଁ ଟି. ଶ୍ରୀଧରନ୍, ଟି. ଏ. ଖାନ୍, ଶିବ ପୂଜନ୍ ସିଂ ଏବଂ ରାଜୀବ ନନ୍ଦ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲଗୁଡ଼ିକ ପ୍ରଶାସନିକ ନ୍ୟାୟାଧିକରଣଙ୍କ ଦ୍ୱାରା କରାଯାଇଥିବା 15 ଡିସେମ୍ବର,1986 ତାରିଖର ଆଦେଶରୁ ଉତ୍ପନ୍ନ ହୋଇଛି । ସ୍ୱୀକାରଯୋଗ୍ୟ, କାଙ୍ଗଡ଼ା ଜିଲ୍ଲାର ପାପରୋଲାର ଏଚ୍. ଆଇ. ଏମ୍. ଆୟୁର୍ବେଦିକ ଡିଗ୍ରୀ ମହାବିଦ୍ୟାଳୟକୁ ସରକାର ନିଜ ଅଧୀନକୁ ନେଇଥିଲେ ଏବଂ ଏଚ୍. ପି. ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ହସ୍ତାନ୍ତର କରିଥିଲେ । ଚୁକ୍ତିର ଖଣ୍ଡ (3) ନିମ୍ନମତେ ପରିକଳ୍ପନା କରେ :

"ଆବଶ୍ୟକ ଯୋଗ୍ୟତା ଏବଂ ବୟସ ସର୍ତ୍ତ ପୂରଣ କରୁଥିବା ବିଦ୍ୟମାନ କର୍ମଚାରୀ, ପ୍ରଧାନଶିକ୍ଷକ, ଶିକ୍ଷକ, ପ୍ରଶାସନିକ ଏବଂ ମହାବିଦ୍ୟାଳୟରେ ନିୟମିତ ଭାବରେ ନିଯୁକ୍ତ ଅନ୍ୟ କର୍ମଚାରୀଙ୍କ ସେବା, ଯଦି ସରକାରଙ୍କ ଦ୍ୱାରା ଏହି ଉଦ୍ଦେଶ୍ୟରେ ଗଠିତ ଏକ ଅନୁବୀକ୍ଷଣ ସମିତି, ଯେଉଁଥିରେ 2 ଜଣ ସଦସ୍ୟ ଅର୍ଥାତ୍ ପ୍ରଧାନ ଶିକ୍ଷକ ଏବଂ ପରିଚାଳନା ସମିତିର ପରିଚାଳକ ମଧ୍ୟ ଅନ୍ତର୍ଭୁକ୍ତ ହେବେ, ତାଙ୍କ ଦ୍ୱାରା ଉପଯୁକ୍ତ ଅନୁବୀକ୍ଷଣ କରାଯାଏ, ତେବେ ତାହା ପରେ 3.3.1978 ରୁ କାର୍ଯ୍ୟକାରୀ ହୋଇପାରିବ । ବର୍ତ୍ତମାନର କର୍ମଚାରୀଙ୍କ ସେବା ସରକାରୀ ନିୟମାବଳୀ ଅନୁଯାୟୀ ସୁରକ୍ଷିତ ରଖାଯିବ ।"

ତଦନୁସାରେ, ବିଦ୍ୟମାନ କର୍ମଚାରୀ, ପ୍ରଧାନଶିକ୍ଷକ, ଶିକ୍ଷକ, ପ୍ରଶାସନିକ ଏବଂ ମହାବିଦ୍ୟାଳୟରେ ନିୟମିତ ଭାବରେ ନିଯୁକ୍ତ ଅନ୍ୟାନ୍ୟ କର୍ମଚାରୀ ନିୟମିତ ଭାବରେ ଅନ୍ତର୍ଭୁକ୍ତି ହେବାକୁ ଯୋଗ୍ୟ ଥିଲେ ଯଦି ସେମାନେ ନିମ୍ନଲିଖିତ ସର୍ତ୍ତାବଳୀ ପୂରଣ କରନ୍ତି : (1) ଅଧିଗ୍ରହଣ କରିବା ପୂର୍ବରୁ ସେମାନେ ନିୟମିତ ଭାବରେ ମହାବିଦ୍ୟାଳୟରେ ନିଯୁକ୍ତ ହୋଇଥିଲେ; (2) ପଦବୀ ପାଇଁ ନିର୍ଦ୍ଧାରିତ ଯୋଗ୍ୟତା ସେମାନଙ୍କ ପାଖରେ ଥିଲା; ଏବଂ (3) ସେମାନେ 3 ମାର୍ଚ୍ଚ, 1978ରୁ ଅଧିଗ୍ରହଣ କରିବା ସମୟରେ ବୟସ ସର୍ତ୍ତ ପୂରଣ କରିଥିଲେ । ଏହି ସମସ୍ତ ସର୍ତ୍ତ ପୂରଣ ହେବା ପରେ, ସେମାନଙ୍କୁ ସରକାରଙ୍କ ଦ୍ୱାରା ଏହି ଉଦ୍ଦେଶ୍ୟରେ ଗଠିତ ଏକ ଅନୁବୀକ୍ଷଣ ସମିତିକୁ ପଠାଯିବ, ଯେଉଁଥିରେ ଅନୁବୀକ୍ଷଣ ସମିତିର କର୍ମଚାରୀଙ୍କ ପ୍ରତିନିଧିତ୍ୱ କରିବା ପାଇଁ ସଦସ୍ୟମାନେ ଅର୍ଥାତ୍ ପ୍ରଧାନ ଶିକ୍ଷକ ଏବଂ ପରିଚାଳନା ସମିତିର ପରିଚାଳକ ଅନ୍ତର୍ଭୁକ୍ତ । ସମିତି ଦ୍ୱାରା କରାଯାଇଥିବା ସୁପାରିଶ ଉପରେ, ନିୟମିତ ଅନ୍ତର୍ଭୁକ୍ତି କରାଯାଇପାରିବ ।

ଦୁର୍ଭାଗ୍ୟବଶତଃ, ଅପିଲକାରୀମାନେ ନିୟମିତ ଭାବରେ ନିଯୁକ୍ତ ହୋଇନଥିଲେ; କିମ୍ବା ଅଧିଗ୍ରହଣ ତାରିଖରେ ପଦବୀରେ ନିୟମିତ ଭାବରେ ଅନ୍ତର୍ଭୁକ୍ତି ପାଇଁ ସେମାନଙ୍କର ଆବଶ୍ୟକ ଯୋଗ୍ୟତା ନଥିଲା । ଫଳସ୍ୱରୂପ, ସେମାନଙ୍କୁ ଚାକିରିରୁ ଛଟେଇ କରିବା ପରିବର୍ତ୍ତେ, ହିମାଚଳ ପ୍ରଦେଶ ଲୋକ ସେବା ଆୟୋଗ ଏବଂ ଆୟୁର୍ବେଦିକ ମହାବିଦ୍ୟାଳୟ କର୍ମଚାରୀଙ୍କ ନିଯୁକ୍ତି ଏବଂ ପଦୋନ୍ନତି ନିୟମାବଳୀ, ପାପରୋଲା, ଜିଲ୍ଲା କାଙ୍ଗଡ଼ା ସହିତ ପରାମର୍ଶ କରି 24 ମଇ, 1980 ରେ ସମ୍ବିଧାନର ଅନୁଚ୍ଛେଦ 309 ର ପରନ୍ତୁକ ଅନୁଯାୟୀ କ୍ଷମତା ପ୍ରୟୋଗ କରି ସରକାର ଆଦେଶ ଜାରି କରିଥିଲେ । ସ୍ୱୀକାରଯୋଗ୍ୟ, ଅପିଲକାରୀ ତା'ପରେ ମଧ୍ୟ ନିୟମାବଳୀ ଅନୁଯାୟୀ ନିର୍ଦ୍ଧାରିତ ଯୋଗ୍ୟତା ପୂରଣ କରିନଥିଲେ । ଫଳସ୍ୱରୂପ, ସେମାନଙ୍କୁ ଉପଯୁକ୍ତ ପ୍ରଶାସନିକ ପଦବୀରେ ନିଯୁକ୍ତ କରାଯାଇଥିଲା, ଯେଉଁ ପଦବୀ ପାଇଁ ସେମାନେ ଯୋଗ୍ୟ ଥିଲେ । ଯେତେବେଳେ ସେମାନେ ସେମାନଙ୍କ ଅନ୍ତର୍ଭୁକ୍ତିକୁ ଆପତ୍ତି କରିଥିଲେ, ନ୍ୟାୟାଧିକରଣ ଆକ୍ଷେପିତ ଆଦେଶରେ ଅଧିଗ୍ରହଣ କରିବା ତାରିଖରେ ସେମାନେ ଯେଉଁ ବେତନ ହାର ପାଉଥିଲେ ତାହା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଆୟୁର୍ବେଦିକ ଚିକିତ୍ସା ଅଧିକାରୀ ଇତ୍ୟାଦି ପଦବୀରେ ସେମାନଙ୍କୁ ଅନ୍ତର୍ଭୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ତେଣୁ, ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲଗୁଡ଼ିକ ।

ଏହା ଦେଖିବାକୁ ମିଳିଛି ଯେ, ଯେହେତୁ ଯେତେବେଳେ ସେମାନେ ଅଧିଗ୍ରହଣ ପୂର୍ବରୁ ସମିତି ଦ୍ୱାରା ନିଯୁକ୍ତ ହୋଇଥିଲେ କିମ୍ବା ଯେତେବେଳେ ରାଜ୍ୟପାଳଙ୍କ ଦ୍ୱାରା ବୈଧାନିକ ନିୟମାବଳୀ ପ୍ରସ୍ତୁତ କରାଯାଇଥିଲା ଯାହା ଦ୍ୱାରା ନିଯୁକ୍ତି ପାଇଁ ସକ୍ଷମ ହୋଇପାରିବେ ସେତେବେଳେ ମଧ୍ୟ ଅପିଲକାରୀ ଆବଶ୍ୟକ ଯୋଗ୍ୟତା ପୂରଣ କରିନଥିଲେ ।

ଆବଶ୍ୟକ ଯୋଗ୍ୟତା ପୂରଣ ନହୋଇଥିବାରୁ ସେମାନଙ୍କୁ ଚାକିରିରୁ ଛଟେଇ କରିବା ପରିବର୍ତ୍ତେ, ସରକାର ସେମାନଙ୍କୁ ଆୟୁର୍ବେଦିକ ଚିକିତ୍ସା ଅଧିକାରୀ ଇତ୍ୟାଦି ପଦବୀ, ଯେଉଁ ପଦବୀ ପାଇଁ ସେମାନେ ଯୋଗ୍ୟ ଅଟନ୍ତି, ସେଥିରେ ଅନ୍ତର୍ଭୁକ୍ତି କରିବାକୁ ଆଗେଇ ଆସିଲେ । ନ୍ୟାୟାଧିକରଣ ବେତନ-ହାର ବଜାୟ ରଖିବାକୁ ଏବଂ ସମାୟୋଜନ ଏବଂ ଅନ୍ତର୍ଭୁକ୍ତି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆମ ମତରେ ନିର୍ଦ୍ଦେଶଗୁଡ଼ିକ ସଠିକ ଏବଂ ନିରପେକ୍ଷତା ଉପରେ ଆଧାରିତ ଏବଂ କୌଣସି ହସ୍ତକ୍ଷେପ ଆବଶ୍ୟକ କରେ ନାହିଁ । ନିୟମାବଳୀ ଅନୁଯାୟୀ ନିଯୁକ୍ତ ହୋଇଥିବା ପଦବୀରୁ ପରବର୍ତ୍ତୀ ପଦୋନ୍ନତି ପାଇଁ ମଧ୍ୟ ସେମାନଙ୍କୁ ବିଚାର କରାଯାଇପାରେ ।

ତଦନୁସାରେ ଅପିଲଗୁଡ଼ିକ ଖାରଜ କରାଗଲା । କୌଣସି ଖର୍ଚ୍ଚ ନାହିଁ ।

ଜି. ଏନ୍. ଅପିଲକୁ ଖାରଜ କରାଗଲା ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

ଅନୁବାଦିକା
ଶିବାନୀ ଦାଶ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ